# ଲୁକ୍କାୟିତ ପ୍ରତିଭାକୁ ଉଜ୍ଜୀବିତ କରିବା ପାଇଁ ପ୍ରକୃତ ସ୍ଥାନ: ଜିଲାପାଳ


ଚଇତି ଇଡିତାଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ଗୁଣପୁର,୨୧।୧୨(ପ୍ରଦୀପ କୁମାର ପାଢ଼ୀ)

- ଚଇତି ଇଡିତାଲ -୨୦୨୪ ଉଦ୍‌ଘାଟିତ
- କୃତୀ ପ୍ରତିଯୋଗୀ ସମ୍ମାନିତ

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ-୨୦୨୪ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଲଘୁ ଚାପ ଜନିତ ବର୍ଷା ଲାଗି ରହିଥିଲା । ପାଗ ଶୁଖିଲା ହେବା ପରେ କାର୍ଯ୍ୟକ୍ରମ ଧୁମ୍‌ଧାମରେ ଆରମ୍ଭ ହୋଇଥିଲା । ଚଇତି କମିଟି ଅଧ୍ୟକ୍ଷା ତଥା ଗୁଣପୁର ଉପ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟୱାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଇତି ଆଜି ବିଶ୍ୱ ଦରବାରରେ ପହଞ୍ଚିଛି । ଜିଲାର ଲୁକ୍କାୟିତ କଳା ପ୍ରତିଭାକୁ ଉଜ୍ଜୀବିତ କରିବା ପାଇଁ ପ୍ରକୃତ ସ୍ଥାନ ହୋଇଥିବା କହିଥିଲେ । ଆଇଆରବିଏନ୍‌ର କମାଣ୍ଡାଣ୍ଟ ବ୍ରଜ ମୋହନ ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଚଇତି କମିଟି ଆବାହକ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା ସ୍ୱାଗତ ଭାଷଣ ଦେଇ ଥିବାବେଳେ ସହକାରୀ ଜିଲାପାଳ ସତ୍ୟଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶାସନିକ ଅଧିକାରୀ, ରାଜନେତା ଏବଂ ଅନ୍ୟ ବିଭାଗ ଅଧିକାରୀ, ଲୋକ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ । କାପଡାଗୁଣ୍ଡାର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଲହରି କୁଣ୍ଡିକା, ଉଲ୍ଲେଖୀୟ କୃଷି କାର୍ଯ୍ୟ ପାଇଁ ପୀତବାସ ଶବର, ଆଦିବାସୀ କଳାକାର ଶ୍ରୀପତି ଗମାଙ୍ଗ, ସ୍ୱତନ୍ତ୍ର ପୁରସ୍କାର କଣ୍ଠଶିଳ୍ପୀ ଲକ୍ଷ୍ମଣ ଶବର, ଯୁବ ପ୍ରତିଭା ଭାବେ ଭାର ଉତ୍ତୋଳନକାରୀ ଖୁସ୍‌ବୁ ଶବର, ବାଳ ବିଜ୍ଞାନ ପ୍ରତିଭା ସ୍ମୃତି ପ୍ରଜ୍ଞା ଦାସ, ଯୁବ ବୈଜ୍ଞାନିକ ମେଳାରେ ପ୍ରଥମ ହୋଇଥିବା ଆୟୁଷ୍ମାନ ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା ।

୧୬ ଟି ସାଂସ୍କୃତିକ ଦଳ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗଙ୍କ ଦ୍ୱାରା ମଧ କାର୍ଯ୍ୟକ୍ରମ ହୋଇଥିଲା । ରବିବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ । କେନ୍ଦ୍ରୀୟ ବିଦ୍ୟାଳୟ ପଡ଼ିଆ ଚଇତି ପଇଁ ବିଭିନ୍ନ ପ୍ରକଳ୍ପକୁ ନେଇ ଷ୍ଟଲଗୁଡ଼ିକ ପ୍ରଦର୍ଶିତ ହୋଇଥିଲା । ବିଭାଗର ସମସ୍ତ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## 'ଆଇଲାରେ ଦେଖ ଚଇତି ପରବ'ଉନ୍ମୋଚିତ

ଗୁଣପୁର,୨୧।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଚଇତି ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚଳିତ ଗୁଣପୁର ଚଇତି ଇଡ଼ିତାଲ ୨୦୨୪ ନିମନ୍ତେ ଗୁଣପୁର ପ୍ରଶାସନ ଆନୁକୁଲ୍ୟରେ ଦିଲୀପ କୁମାର ଚୌଧୁରୀଙ୍କ ନିର୍ଦ୍ଦେଶନା ଓ ପରିକଳ୍ପନାରେ ଏକ ଗୀତ 'ଆଇଲାରେ ଦେଖ ଚଇତି ପରବ' ଜିଲାପାଳ ପାରୁଲ ପାଟୱାରୀ, ଉପ ଜିଲାପାଳ କିରଣ ଦୀପ କୌର ସହତା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, କମାଣ୍ଡାଣ୍ଟ ବ୍ରଜ ମୋହନ ନାୟକ ଓ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ମୁକ୍ତିଲାଭ କରିଥିଲା । ଗୀତରେ କଣ୍ଠଦାନ କରିଛନ୍ତି ମନୋଜ କୁମାର ଜେନା ଓ ସନ୍ଧ୍ୟାରାଣୀ ପଣ୍ଡା, ଗୀତ ରଚନା କରିଛନ୍ତି ସଦାନନ୍ଦ ଶବର, ରେକର୍ଡିଂ କରିଛନ୍ତି ଜୋଶ୍ ମଣ୍ଡଳ, ସହଯୋଗ କରିଛନ୍ତି ଅଶୋକ କୁମାର କର, ଚନ୍ଦନ ଶବର ଓ କର୍ଣ୍ଣ ଶବର ଏବଂ ଉପଦେଷ୍ଟା ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଓ ଅକ୍ଷୟ ଦାଶ ।


ଅତିଥିମାନେ ଗୀତ ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

## ରାୟଗଡ଼ାରୁ ଆନ୍ଧ୍ରକୁ ଯୋଡ଼ିହେବ ନୂତନ ପୋଲ


ନିର୍ମାଣାଧୀନ ଥିବା ନୂତନ ପୋଲ ।

ରାୟଗଡ଼ା,୨୧।୧୨(ଆଶିଷ ରଞ୍ଜନ ପଣ୍ଡା)

**୨୬ରେ ଲୋକାର୍ପଣ କରିପାରନ୍ତି ମୁଖ୍ୟମନ୍ତ୍ରୀ**

ରାୟଗଡ଼ା ଜିଲାବାସୀ ଚିକିତ୍ସା, ବ୍ୟବସାୟ ଓ ଅନ୍ୟାନ୍ୟ ସୁବିଧା ପାଇଁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପାର୍ବତୀପୁର, ବୋବିଲି, ବିଜୟନଗରମ୍ ଓ ବିଶାଖାପାଟଣା ଉପରେ ନିର୍ଭର କରିଥାନ୍ତି । ରାୟଗଡ଼ା-ବିଶାଖାପାଟଣା ରାସ୍ତାକଡ଼ରେ ଥିବା ମଝିଘରିଆଣୀ ମନ୍ଦିର ନିକଟସ୍ଥ ଝଞ୍ଜାବତୀ ନଦୀ ଉପରେ ରହିଛି ଏକ ପୁରାତନ ପୋଲ । ଏହା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୭ରେ ଉକ୍ତ ୬୨ ମିଟର ଲମ୍ବର ଏକ ନୂତନ ପୋଲ ନିର୍ମାଣ କରାଯାଉଛି । କାର୍ଯ୍ୟ ପ୍ରାୟ ଶେଷ ହେଲାଣି । ଆସନ୍ତା ୨୬ ତାରିଖରେ ଜିଲାର ଲୋକ ମହୋତ୍ସବ ଚଇତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସମ୍ଭାବନା ରହିଛି । ଏହି ପୋଲ କାର୍ଯ୍ୟକ୍ଷମ ହେଲେ ଆନ୍ଧ୍ରପ୍ରଦେଶକୁ ଯାତାୟାତ ସୁରକ୍ଷିତ ହେବା ସହ ବ୍ୟବସାୟିକ କ୍ଷେତ୍ରରେ ରାୟଗଡ଼ା ଅଗ୍ରଗତି କରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି ।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମ୍ବିକେୟ ମିଶ୍ରଙ୍କୁ ପଚାରିବାରୁ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ ମାସ ୩୧ ତାରିଖ ସୁଦ୍ଧା ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ ସମୟରେ ଏହି ପୋଲ ଉଦ୍‌ଘାଟନ କରିବା ନେଇ ପଚାରିବାରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି ।

## ଉଗ୍ରତାରା ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଜ୍ୟୋତ୍ସ୍ନା ଇସ୍ରୋକୁ ମନୋନୀତ

ଜେକେପୁର,୨୧।୧୨(ରାଜେଶ ବିଶ୍ୱାଳ)



ଉଗ୍ରତାରା ନୋଡାଲ ଉଚ୍ଚ ବିଦ୍ୟାଳୟ କୋମଟାଲପେଟାର ନବମ ଶ୍ରେଣୀ ଛାତ୍ରୀ ଜ୍ୟୋତ୍ସ୍ନା ନାଗ ଟାଟା କୁଇଜ୍ ପ୍ରତିଯୋଗିତାରେ ବିଦ୍ୟାଳୟସ୍ତରରେ ପ୍ରଥମ ହୋଇ ଓଡ଼ିଶାର ଶୀର୍ଷ ୬୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଗତ ୧୨ ଓ ୧୩ ତାରିଖରେ ଚନ୍ଦ୍ରକୁ ମାନବବାହୀ ରକେଟର ନମୁନା ପ୍ରଦର୍ଶନ ପୂର୍ବକ ତା'ର ବିଭିନ୍ନ ଅଂଶର ବ୍ୟାଖ୍ୟାକରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେଠାରେ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟକ୍ତିଗତ ସାକ୍ଷାତ୍‌କାରରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ୟାଟ୍ସ୍(ୟଙ୍ଗ୍ ଆଷ୍ଟ୍ରୋନଟ୍ ଟାଲେଣ୍ଟ ସର୍ଚ୍ଚ)୨୦୨୪ ଭାବେ ବିବେଚିତ ହେବାପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବାଙ୍ଗାଲୋର ଯିବା ପାଇଁ ମନୋନୀତ ହୋଇଛନ୍ତି । ସମଗ୍ର ଓଡ଼ିଶାର ଶେଷ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ଶ୍ରେଷ୍ଠ ୧୦ଜଣ ମଧ୍ୟରେ ସ୍ଥାନ ପାଇଛନ୍ତି । ତାଙ୍କୁ ବାପା ଓ ଭଉଣୀ ଉତ୍ସାହିତ କରିଥିବା ଜ୍ୟୋତ୍ସ୍ନା କହିଛନ୍ତି । ସ୍କୁଲରେ ୩ ଜଣ ଶିକ୍ଷକ ତାଙ୍କର ମାର୍ଗଦର୍ଶକ । ପ୍ରଧାନ ଶିକ୍ଷକ ଏମ୍. ବାଲମୁରଲୀ କ୍ରିଷ୍ଣା, ଗୋଲକ ବିହାରୀ ପ୍ରଧାନ ଓ ମନୋଜ ଦାସଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି ।

## ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ


ପିଲାଙ୍କୁ ପୋଷାକ ବିତରଣ କରାଯାଉଛି ।

ପଦ୍ମପୁର/ରାୟଗଡ଼ା,୨୧।୧୨
(ପ୍ରଶାନ୍ତ କର/ଆଶିଷ ରଞ୍ଜନ ପଣ୍ଡା)

ପଦ୍ମପୁର ବ୍ଲକ୍ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପର ଜୁମୁରୁଗୁଡ଼ାଠାରେ ଶୁକ୍ରବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ପଦ୍ମପୁରର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା, ସମ୍ମାନିତ ଅତିଥି କ୍ଲଷ୍ଟର ସାଧନ ସଂଯୋଜକ ଅଜିତ ଚୌଧୁରୀ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଓ ବରିଷ୍ଠ ଶିକ୍ଷକ ଭୁବନାନନ୍ଦ ଖାଡ଼ଙ୍ଗା ପ୍ରମୁଖ ସମସ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ । ମୁଖ୍ୟ ଅତିଥି ବିଦ୍ୟାଳୟର ପରିବେଶ ତଥା ଚଳିତ ବର୍ଷ ୩ୟ ଓ ୫ମ ଶ୍ରେଣୀରେ ବୃତ୍ତି ପାଇ ୩ ଛାତ୍ରୀ କୃତିତ୍ୱ ଅର୍ଜନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ମଧ ଭଲ ମଣିଷ ହୋଇ ଦେଶ ଓ ଜାତିର ସୁନାମ ରଖିବାକୁ ପରାମର୍ଶ ଦେଇଥିଲେ । ଏଥିସହ ପ୍ରଦତ୍ତ ପୋଷାକର ଯତ୍ନ ନେଇ ନିୟମିତ ବିଦ୍ୟାଳୟକୁଆସିବାକୁଛାତ୍ରୀଛାତ୍ରଙ୍କୁଉତ୍ସାହିତ କରିଥିଲେ । ଉକ୍ତ ଉତ୍ସବରେ ସହକାରୀ ଶିକ୍ଷୟିତ୍ରୀ ରେଣୁବାଳା ନାୟକ,ଶିକ୍ଷୟିତ୍ରୀ ଆର୍.ଆରତୀ, ବିଦ୍ୟାଳୟ କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର, ସୁଜାତା ସାହୁ, ପ୍ରଶାନ୍ତ ସାହୁ, କୃଷ୍ଣ ସାହୁ, ଲକ୍ଷ୍ମୀ ସାହୁ, ରଚନା ସାହୁ, ସୁଷମା ରାଉତ ଓ ରାଜେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଭ୍ୟୁଦୟ ୨.୦(ବାର୍ଷିକ) ଉତ୍ସବ

ମୁନିଗୁଡା,୨୧।୧୨
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡା ବ୍ଲକ ଝାମରାଗୁଡା ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଭ୍ୟୁଦୟ ୨.୦(ବାର୍ଷିକ) ଉତ୍ସବ ଶନିବାର ପାଳିତ ହୋଇଯାଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ସମୀର କୁମାର ନନ୍ଦ ଓ ଶିକ୍ଷକ ଲିଙ୍ଗରାଜ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି, ମୁଖ୍ୟବକ୍ତା ମୁନିଗୁଡା ତହସିଲଦାର ଏମ୍.ଅନୁରାଧା ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପରେ ଛାତ୍ରୀଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ଓ ସାମାଜିକ ସଚେତନତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ସମେତ ଶ୍ରେଷ୍ଠ ଉପସ୍ଥାନ ଦେଇଥିବା ଛାତ୍ରୀ ଏମ୍. ଶ୍ରୁତିସ୍ନେହା ଓ ଛାତ୍ର ଏମ୍‌ଡି. ସକିବଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶିକ୍ଷୟିତ୍ରୀ ଶୁଭଶ୍ରୀ ନାୟକ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଜିତେନ୍ଦ୍ର ପଟେଲ, ଶିକ୍ଷୟିତ୍ରୀ କୋମଲିନୀ ବାରିକ ଓ ସୁନିତା ପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ଓ ସହଯୋଗ କରିଥିଲେ ।


 କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

## ଗ୍ୟାସ୍ ସିଲିଣ୍ଡର ନିଆଁରୁ ଜଳିଗଲା ଦୋକାନ

ଫିରିଙ୍ଗିଆ,୨୧।୧୨(ବିମଳ ଦିଗାଲ )

ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଏକ କୁକୁଡ଼ା ଦୋକାନ ଜଳିଯାଇଛି । ତେବେ ବର୍ତ୍ତିଯାଇଛନ୍ତି ଦୋକନ ମାଲିକ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା କେଳାପଡା ପଞ୍ଚାୟତର ଗେରୁପଡା ଗାଁରେ । ଏହି ଗାଁର କାହ୍ନା ପ୍ରଧାନ ଗେରୁପଡା ଗାଁ ଛକରେ ଏକ କୁକୁଡ଼ା ଦୋକାନ କରି ନିଜ ପରିବାର ଚଳାଉଥିଲେ । ସବୁଦିନ ପରି ସେ ଶନିବାର ସକାଳୁ ଦୋକାନ ଖୋଲି କୁକୁଡ଼ା କାଟିବା ପାଇଁ ଦୋକାନ ଭିତରେ ଥିବା ଗ୍ୟାସରେ ପାଣି ଗରମ କରିଥିଲେ । ଏହି ସମୟରେ ହଠାତ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା । ନିଆଁର ପ୍ରକୋପ ଏତେ ଜୋର ଥିଲା ଯେ ଦୋକାନଟି ଜାଳ ପାଉଁଶ ହୋଇଯାଇଥିଲା । ଖବର ପାଇ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୋକାନ ନିଆଁକୁ ଆୟତ୍ତ କରିଥିଲେ ।

## ଅଜଣା ମୃତଦେହ ଜବତ

ରାୟଗଡ଼ା,୨୧।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ସଦର ମହକୁମା ଡୁମ୍ବିଗୁଡା ଗ୍ରାମ ନିକଟ କନ୍ଧଡୁମ୍ବିଗୁଡା ନାଗବଳୀ ନଦୀରେ ଅଜଣା ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି । ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ । ଅନ୍ଧାର ହୋଇଥିବାରୁ ମୃତଦେହକୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା । ଅନ୍ୟପକ୍ଷରେ ମୃତଦେହଟି କାହାର ଏବଂ କେଉଁଠାରୁ ଆସିଛି ତାର ପରିଚୟ ମିଳି ନାହିଁ ।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଟିକିରି,୨୧।୧୨
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ନଟରାଜ ପେଟ୍ରଲ ପମ୍ପ ନିକଟ ରାମଦରବାର ହୋଟେଲ ସମ୍ମୁଖରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ଅଛନ୍ତି । ମୃତକ ହେଲେ ଗୋରଖପୁର ପଞ୍ଚାୟତ ବାଇଗଣଗୁଡ଼ା ଗ୍ରାମର ଶତ୍ରୁଘ୍ନ ମାଝୀ । ସୂଚନାନୁଯାୟୀ, ଶତ୍ରୁଘ୍ନ ଗାଁର ଦିନବନ୍ଧୁ ମାଝୀଙ୍କ ସହ ଏକ ବାଇକ୍‌ରେ ଯାଉଥିଲେ । ଏହି ସମୟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଚାଲିଚାଲି ଯାଉଥିବା ଟ୍ରକ୍ ଡ୍ରାଇଭରଙ୍କୁ ଧକ୍କା ଦେଇଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶତ୍ରୁଘ୍ନଙ୍କର ମୃତ୍ୟୁ ହୋଇଥିଲା । ଟ୍ରକ ଡ୍ରାଇଭର ଓ ଦୀନବନ୍ଧୁଙ୍କ ଚିକିତ୍ସା ଚାଲିଛି । ଟ୍ରକ୍ ଡ୍ରାଇଭରଙ୍କ ପରିଚୟ ମିଳି ନ ଥିବାବେଳେ ସେ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି । ତାଙ୍କ ଟ୍ରକ ଖରାପ ଥିବାରୁ ସେ ନଟରାଜ ପେଟ୍ରଲପମ୍ପ ନିକଟରେ ଛିଡ଼ା ହୋଇଥିଲେ ।

## ରାୟଗଡ଼ା ମହାବିଦ୍ୟାଳୟରେ 'ବିଶ୍ୱ ଧ୍ୟାନ ଦିବସ'

ରାୟଗଡା,୨୧।୧୨(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସ୍ୱର୍ଣ୍ଣ ଜୁବୁଲି ସମ୍ମିଳନୀ କକ୍ଷରେ ଜାତିସଂଘ ଦ୍ୱାରା ଅନୁମୋଦିତ 'ବିଶ୍ୱ ଧ୍ୟାନ ଦିବସ'୨୦୨୪ ଶନିବାର ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବବିଲତା ସରାଫ ଯୁବପିଢ଼ି ପାଇଁ ଧ୍ୟାନର ଉପଯୋଗୀତା ସମ୍ପର୍କରେ କହିଥିଲେ । ଏକ ଚାପମୁକ୍ତ ସୁସ୍ଥ ମାନସିକତା ପାଇଁ ଧ୍ୟାନ ଜରୁରୀ ବୋଲି ଡ. ସରସ୍ୱତୀ ରାୟ କହିଥିଲେ । ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକଙ୍କୁ ଧ୍ୟାନର ଅନୁଭବ କରାଇଥିଲେ । ଯୁବ ରେଡକ୍ରସ୍ ସଂଯୋଜକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଶେଷରେ ସହଭାଗୀ ମାନେ ନିଜର ଅନୁଭବ ବାଣ୍ଟିଥିଲେ । ଏ. ଶ୍ରୀନିବାସ, ଟି. ଜ୍ୟୋତି, ଲେଫ୍ଟନାଣ୍ଟ ଉଦୟ ନାୟକ, କେ. କେ. ଯାନୀ, ଅନନ୍ତ ଶବର, ଭାସ୍କର ଗୁପ୍ତା, ସତୀଶ ଦାସ, ସଂଗ୍ରାମ କେଶରୀ ନାୟକ, ସ୍ନେହାଞ୍ଜଳି ପାଣ୍ଡେ ଓ ଗ୍ଲୋରି ଅନିଶା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।


ଯୋଗ ପ୍ରଶିକ୍ଷଣରେ ଧ୍ୟାନରେ ବସିଥିବା ଶିକ୍ଷକ ଓ ଛାତ୍ରୀମାନେ ।

## ବାର୍ଷିକ ଟେକ୍ନୋ 'ସୃଜନ ୩.୦' ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଗୁଣପୁର,୨୧।୧୨(ପ୍ରଦୀପ କୁମାର ପାଢ଼ୀ)

**ଜିଆଇଇଟି ବିଶ୍ୱବିଦ୍ୟାଳୟ**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ୩ଦିନିଆ ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ 'ସୃଜନ ୩.୦' ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଆବାହକ ଡ. ବିଭୁପ୍ରସାଦ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ରେଜିଷ୍ଟ୍ରାର ଡ. ଏନ୍.ଭି .ଜଗନ୍ନାଧା ରାଓ ଉଚ୍ଚମାନର ଶିକ୍ଷାଦାନ ସହ ଅଭିନବୀକରଣ ପାଇଁ ଉତ୍ସାହିତ କରାଯାଉଥିବା ସୂଚନା ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ କଲିକତା ଲେକ୍ସମାର୍କ ମୁଖ୍ୟ ଅନୁରାଗ କୀର୍ତ୍ତି, ବାଙ୍ଗାଲୋର ଇଣ୍ଟିଗ୍ରା ମାଇଣ୍ଡସ୍‌ର ଲଭାନମ୍ ଆମ୍ବଲା, ନୂଆଦିଲ୍ଲୀ ଜେନସଲର ମୁଖ୍ୟ ବିନୟ ଭୂଷଣ ପଣ୍ଡା ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରମାନଙ୍କ କାର୍ଯ୍ୟଦକ୍ଷତା, ନୂତନ ଜ୍ଞାନକୌଶଳ ଓ ନିଯୁକ୍ତ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ । ବିଶ୍ୱବିଦ୍ୟାଳୟ ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରୀଛାତ୍ରଙ୍କ ଶିକ୍ଷା ସହ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ଯତ୍ନବାନ୍ ହେବା ପାଇଁ ଆହ୍ୱାନ ଦେଇଥିଲେ । ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପକୁ ଆନ୍ତର୍ଜାତିକସ୍ତରରେ ପରିଚିତ କରାଇବାକୁ କହିଥିଲେ । କୁଳପତି ଡ.ଏଭିଏନ୍‌ଏଲ୍ ଶର୍ମା ଯୋଗଦେଇ ଛାତ୍ରୀଛାତ୍ରମାନେ ଆସନ୍ତା ଦିନରେ ବିଭିନ୍ନ ଆହ୍ୱାନ ନେଇ ନିଜକୁ ପ୍ରସ୍ତୁତ ହେବା ପାଇଁ କହିଥିଲେ । ଏହି ଅବସରରେ ଜାତୀୟ ସେବା ଯୋଜନାର ଏକ ବାର୍ଷିକ ପୁସ୍ତିକା 'ପ୍ରୟାସ'୧୧ ତମ ଭାଗ ଉନ୍ମୋଚନ କରାଯାଇଥିଲା । ଶେଷରେ ଡ. ତୁଷାରକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ସହ ପ୍ରକଳ୍ପ ଯଥା ମଡେଲ ଫିଷ୍ଟା, ୱେଷ୍ଟ ଓ କ୍ରାଫ୍ଟ, ମେଗା ଷ୍ଟ୍ରକ୍‌ଚର, ଲେନ୍ ଗମ୍ବିଂ ଭଳି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଗୁଣପୁର ରକ୍ତଭଣ୍ଡାରର ଡା. ସୁଜାତା ଦେବୀ, ଟେକ୍ନିସିଆନ ସୁରଚି ପାତ୍ର ଏବଂ ଦଳ ରକ୍ତ ସଂଗ୍ରହ କରିଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ତୋରଣ ସହ ଆଲୋକୀକରଣ ମନ ମୋହିଥିଲା । ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ରବିବାର ଡିଜେଏସ୍‌କେବି ଏବଂ ସୋମବାର ଶେଷ ରଜନୀରେ ଗାୟକ ମଣ୍ଟୁ ଛୁରିଆ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା । ସଭାରେ ସମସ୍ତ ବିଭାଗର ପ୍ରଫେସର, ଅଧ୍ୟାପିକା, ଅଧ୍ୟାପକ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡର ଓ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

# ଧାନ କ୍ରୟ ନେଇ ଅଭିନୟ କରୁଛି ପ୍ରଶାସନ: କୃଷକ କଲ୍ୟାଣ ମଞ୍ଚ

କୁନ୍ଦୁରା, ୨୧।୧୨(ସନ୍ତୋଷ ପ୍ରହରାଜ)



ବିଡିଓଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

■ ରାଲିରେ ଆସି ବ୍ଲକ ଆଗରେ ଧାରଣାରେ ଚାଷୀ
■ ସୋମବାର ଚାଷୀଙ୍କ ସହ ଆଲୋଚନା କରିବ ଯୋଗାଣ ବିଭାଗ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ରେ ଚଳିତ ଖରିଫ ଋତୁରେ ଧାନମଣ୍ଡି ବିଭିନ୍ନ ସ୍ଥାନରେ ଶୁଭାରମ୍ଭ ହୋଇଥିବା ବେଳେ ମିଲର୍ସଙ୍କ ଦ୍ୱାରା ଧାନ ଉଠାଯାଉ ନ ଥିବାରୁ ବ୍ଲକ୍ ଆଗରେ ଚାଷୀ ଧାରଣା ଦେଇଛନ୍ତି। ଡିଏଲପିସି ବୈଠକର ଘୋଷଣା ମୁତାବକ ଡିସେମ୍ବର ୧୧ରେ ଖରିଫ ଧାନମଣ୍ଡିର ଶୁଭାରମ୍ଭ କରାଯାଇଥିଲା। କିନ୍ତୁ ଚାଷୀଙ୍କ ଧାନ ଜିଲା ପ୍ରଶାସନର ଖାମଖିଆଲ ମନୋଭାବ ଯୋଗୁ ଏକ ସପ୍ତାହ ବିତି ଯାଇଥିଲେ ସୁଦ୍ଧା କ୍ରୟ ହୋଇ ପାରୁନଥିବା ଅଭିଯୋଗରେ ଚାଷୀ ରାଲିରେ ଆସି ଧାରଣାରେ ବସିଥିଲେ। ଚାଷୀ ଧାରଣାରେ ବସିଥିବା ବେଳେ ବିଡିଓ କପିଳେଶ୍ୱର ତାଣ୍ଡି ଆଲୋଚନା ପାଇଁ ଆସିବା ପରେ ଧାନକ୍ରୟ ସମସ୍ୟାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଯୁକ୍ତିତର୍କ ହୋଇଥିଲା। ଚାଷୀଙ୍କ ମନୋଭାବ ପ୍ରତି କୁଠାର ଘାତ ନ କରି ଧାନ ଉଠାଇବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲା ପ୍ରଶାସନକୁ ତାଗିଦ କରିଥିଲେ। ଡିସେମ୍ବର ୧୭ରେ କୋରାପୁଟ ଜିଲା ଗସ୍ତରେ ଆସିଥିବା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜୟପୁର ବ୍ଲକ ଫାମ୍ପୁଣି ଧାନମଣ୍ଡି ଶୁଭାରମ୍ଭ କରି ସମସ୍ତ ମଣ୍ଡିରୁ ଧାନ କ୍ରୟ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀ ଧାନ କିଣାକୁ ନେଇ ଅଭିନୟ କରୁଥିବା କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ କୁହାଯାଇଛି। ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଖରିଫ ଏବଂ ରବି ଋତୁରେ ଧାନ ମଣ୍ଡି ହୋଇ ଆସୁଥିବା ବେଳେ ଚଳିତ ବର୍ଷ ୩୧୦୦ ଟଙ୍କାରେ ଚାଷୀ ନିକଟରୁ ଧାନ କ୍ରୟ କରାଯିବା ନେଇ ଚାଷୀ ଖୁସିରେ ରହିଛନ୍ତି। କିନ୍ତୁ ପ୍ରଶାସନର ଚାଷୀ ପ୍ରତି ଉପର ଠାଉରିଆ ମନୋଭାବ, ଚାଷୀଙ୍କ ପ୍ରତି ଦରଦ ନ ଥିବା ଓ ବିଭିନ୍ନ ପ୍ରସଙ୍ଗ ଉଠାଇ ଚାଷୀ ବିଡିଓଙ୍କୁ ଘେରିଥିଲେ। ଦୀର୍ଘ ଦିନରୁ ଅନେକ ଥର ଡିଏଲପିସି ବୈଠକରେ କୋରାପୁଟ ଜିଲାର ଲୋକ ମହୋତ୍ସବ ପରବକୁ ଜାନୁଆରୀ ମାସରେ କରାଗଲେ ଚାଷୀମାନେ ମଧ୍ୟ ଏହାକୁ ଦେଖିବା ସୁଯୋଗ ପାଇଥାନ୍ତେ ବୋଲି ଅଭିଯୋଗ କରାଯାଇଛି। ଜିଲା ପ୍ରଶାସନ ପ୍ରତିବର୍ଷ ଚାଷୀଙ୍କୁ ଅଣଦେଖା କରୁଥିବା ଏବଂ ଧାନ କିଣା ସମୟକୁ ବିଳମ୍ବ କରୁଥିବା ପ୍ରତିବାଦରେ ସୋମବାର ରାଜରାସ୍ତାକୁ ଓହ୍ଲେଇବାକୁ କୃଷକ କଲ୍ୟାଣ ମଞ୍ଚ ପ୍ରଶାସନକୁ ଚେତାବନୀ ଦେଇଛି। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଯୋଗାଣ ବିଭାଗ ଚାଷୀଙ୍କ ସହ ଆଲୋଚନା କରି ଖରିଫ ଧାନ ସୁରୁଖୁରୁରେ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଧାନ ଉଠିବାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ପାଇଁ ଜିଲା ପ୍ରଶାସନ ଉପରେ ଚାଷୀମାନେ ଦୋଷ ଲଦିଛନ୍ତି। ସୋମବାର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ରାଜରାସ୍ତା ଅବରୋଧ କରାଯିବ ବୋଲି କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଥାନାରେ ମୌଖିକ ଭାବେ ଅବଗତ କରାଯାଇଛି।

## ବର୍ଷା ଯୋଗୁ ଚିନ୍ତାରେ ମକାଚାଷୀ



ବର୍ଷାରେ ନଷ୍ଟ ହୋଇଥିବା ମକା କ୍ଷେତ।

ଲକ୍ଷ୍ମୀପୁର,୨୧।୧୨(ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍‌ରେ ୨ ଦିନ ଲଘୁଚାପଜନିତ ବର୍ଷା ଲାଗି ରହିଥିବା ବେଳେ ଅନେକ ହେକ୍ଟର ଜମିରେ ଅମଳ ପାଇଁ ଥିବା ପାଚିଲା ମକା ଗଛ ନଷ୍ଟହୋଇ ଚାଷୀଙ୍କ ଚିନ୍ତା ବଢ଼ାଇଛି। କୁସମ୍‌ଗୁଡ଼ା ପଞ୍ଚାୟତର ତଳଚମ୍ପି, ଗାଦିଖାଲ,ବିରିଯୋଡ଼ି, କୁରୁଣିପଦର ଓ ଛେଳିବେଡ଼ା ଗ୍ରାମର କେତେଜଣ ଚାଷୀ ବାତ୍ୟା ସୂଚନା ପାଇ ଖଳାରେ ଗଚ୍ଛିତକରି ରଖିଥିବା ମକା ଫସଲ ଗଦାରେ ପାଣି ପଶି ଗଜାହୋଇଛି। ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯିବା ପରେ ବର୍ଷା ସମ୍ଭାବନା ଥିବାରୁ ୭୦ଭାଗ ମକାଚାଷୀ ତରବରିଆ ଭାବେ ମେଶିନ ଦ୍ୱାରା ଅମଳ କରିଛନ୍ତି। ୩୦ ଭାଗ ଚାଷୀଙ୍କ ଗଛରେ ମକା ରହି ପାଣିରେ ଭିଜି ଗଜା ହୋଇଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜୟପୁର, ୨୧।୧୨(ପବନ ପାଣିଗ୍ରାହୀ)

ଜୟପୁର ଏକମ୍ବା ବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ଦିବସରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ବାଳକ ଓ ବାଳିକା ବର୍ଗର ଦୌଡ଼ ପ୍ରତିଯୋଗିତା, ସ୍ଲୋ ସାଇକେଲିଂ ରେସ, ଡିସ୍କସ୍ ଓ ସଟ୍‌ପୁଟ ଥ୍ରୋ, ଦଉଡି ଡିଆଁ ଓ ଫୁଚି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଡ଼ଃ ଜ୍ୟୋତ୍ସ୍ନା ମିଶ୍ରଙ୍କ ତତ୍ତ୍ୱାବଧାନରେ ରାମନାଥ ପାଣିଗ୍ରାହୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଲଇଛନ ହରିଜନ ଓ ସିଆରସିସି ସର୍ବେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ, ଶିକ୍ଷକ ବି. ନଳିନୀ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ସାମନ୍ତରାୟ, ବୃନ୍ଦାବତୀ ଖରା,ମନୋଜ ମିଶ୍ର ଓ କ୍ରୀଡ଼ା ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଜିଲାପାଳଙ୍କୁ ଭେଟିଲେ ଡିବିଡିଏମ୍‌ଏଫ୍ କର୍ମକର୍ତ୍ତା



ଡିବିଡିଏମ୍‌ଏଫ୍ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ସାକ୍ଷାତ କରୁଛନ୍ତି।

ସୁନାବେଡା,୨୧।୧୨(କୃତ୍ତିବାସ ପ୍ରଧାନ)

କୋରାପୁଟରେ ସ୍ୱେଚ୍ଛାକୃତ ରକ୍ତଦାନ ଉପରେ ହେବାକୁ ଥିବା ଏକ ଜାତୀୟସ୍ତରୀୟ କର୍ମଶାଳା ଆୟୋଜନକୁ ନେଇ ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍(ଡିବିଡିଏମ୍‌ଏଫ୍) କର୍ମକର୍ତ୍ତାମାନେ ଶନିବାର ଜିଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ସହାୟତା ଲୋଡିଛନ୍ତି। ଫୋରମ୍‌ର ସଭାପତି ଜି.ସଞ୍ଜୀବ କୁମାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଟିମ୍ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ୨୦୨୫ ଏପ୍ରିଲ ୫ ଓ ୬ରେ ଉକ୍ତ କର୍ମଶାଳା ଅନୁଷ୍ଠିତ ହେବ। ସିକେଲସେଲ ଏବଂ ଥାଲାସେମିଆ ସମ୍ପର୍କରେ ଏକ ବିଶାଳ ସଚେତନତା ଅଭିଯାନ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା.ବରଦା କାନ୍ତ ମିଶ୍ର ଏବଂ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସପିଟାଲର ଅଧିକ୍ଷକ ତଥା ଡିନ୍ ଡ଼ା. ସୁଶାନ୍ତ କୁମାର ସାହୁଙ୍କୁ ମଧ୍ୟ ଭେଟି ସେମାନଙ୍କ ସହଯୋଗ ପାଇଁ ମଧ୍ୟ ଅନୁରୋଧ କରିଛନ୍ତି। ଏ ସମୟରେ ଫୋରମ୍‌ର ସାଧାରଣ ସମ୍ପାଦକ ଶେଖ ଇବ୍ରାହିମ,ଉପଦେଷ୍ଟା ଡଃ ଉମା ଶଙ୍କର ପ୍ରସାଦ ପାତ୍ର, କୋଷାଧ୍ୟକ୍ଷା ଶାହେଦା ପରଭିନ, ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ତ୍ରିପାଠୀ, ଚିନ୍ତାମଣି ପୃଷ୍ଟି, ସତ୍ୟ ବିଲସେନ୍, ପ୍ରମୋଦ ସେଠି, ପ୍ରିୟଦର୍ଶୀ ସାହୁ ଏବଂ ନିଖିଲ ପାତ୍ର ଉପସ୍ଥିତ ଥିଲେ। ଆୟୋଜିତ ହେବାକୁ ଥିବା ୨ ଦିନିଆ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶା ସହ ୧୫ ରାଜ୍ୟର ପ୍ରତିନିଧି, ବାଂଲାଦେଶ ଓ ନେପାଳର ପ୍ରତିନିଧି ମଧ୍ୟ ଅଂଶ ଗ୍ରହଣ କରିବା ନେଇ ଆୟୋଜକ ଜଣାଇଛନ୍ତି। ଏହି ସମ୍ମିଳନୀର ସମ୍ବର୍ଦ୍ଧନା ଉତ୍ସବ ଦେଓମାଳିରେ ଅୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଜିଲାର ଯୁବଗୋଷ୍ଠୀଙ୍କୁ ଏଥିରେ ଅଧିକ ସଂଖ୍ୟାରେ ସାମିଲ କରାଯିବ ବୋଲି ଫୋରମ୍‌ର ସାଧାରଣ ସମ୍ପାଦକ ଇବ୍ରାହିମ କହିଛନ୍ତି।

## ହାଡ଼ିଆରେ ଧାନମଣ୍ଡି ଉଦ୍‌ଘାଟନକଲେ ବିଧାୟକ

ଜୟପୁର, ୨୧।୧୨(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ ହାଡ଼ିଆ ଧାନମଣ୍ଡି ବିଧାୟକ ତାରାପ୍ରସାଦ ବାହିନୀପତି ଶନିବାର ଉଦ୍‌ଘାଟନ କରିଛନ୍ତି। ଜୟପୁର ନିୟନ୍ତ୍ରିତ ବଜାର କମିଟି ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଡ଼ିଆରେ ପହଞ୍ଚିବା ପରେ ଗ୍ରାମବାସୀ ଓ ଚାଷୀମାନେ ବିଧାୟକ ବାହିନୀପତିଙ୍କୁ ସ୍ୱାଗତ କରିଥିଲେ। ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ,ସରପଞ୍ଚ ସୁରେଶ ବସ୍ତରିଆ, ବରିଷ୍ଠ କଂଗ୍ରେସ ନେତା ଭାସ୍କର ପଟ୍ଟନାୟକ, ବ୍ଲକ୍ ସଭାପତି ବସନ୍ତ ନାୟକ ଓ ମଣ୍ଡି ଦାୟିତ୍ୱରେ ଥିବା ଭକ୍ତ ଟାକରି ଉପସ୍ଥିତ ଥିଲେ।



ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ପ୍ରଶାସନ ହସ୍ତକ୍ଷେପକରି ମିଲର ଓ ଚାଷୀଙ୍କ ସହ ଆଲୋଚନା କରି ସମସ୍ତ ଧାନମଣ୍ଡିରୁ ତୁରନ୍ତ ଧାନ ଉଠାଇବାକୁ ବିଧାୟକ ପରାମର୍ଶ ଦେଇଥିଲେ।

## ବ୍ୟାଙ୍କର୍ସ କୋର୍ କମିଟି ବୈଠକ

କୋରାପୁଟ,୨୧।୧୨(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଜିଲା ବ୍ୟାଙ୍କର୍ସ କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତା କରିଥିଲେ। ସରକାରଙ୍କ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାର ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ନେଇ ଆଲୋଚନା କରିଥିଲେ। ଜିଲାର ୧୪୧ ବିଭିନ୍ନ ବ୍ୟାଙ୍କର ଶାଖା ଖୋଲା ଯାଇଥିବା ବେଳେ ଯେଉଁ ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ଶାଖା ଖୋଲାଯାଇ ନାହିଁ। ସେଠାରେ ତୁରନ୍ତ ବ୍ୟାଙ୍କ ଶାଖା ଖୋଲିବାକୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ହିତାଧିକାରୀଙ୍କୁ କେଉଁ ଯୋଜନାରେ ଋଣ ଦିଆଯାଇଛି ତାହା ସମୀକ୍ଷା କରିଥିଲେ। ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଋଣ ପ୍ରଦାନ ପାଇଁ ୫୯୦୦.୦୨ କୋଟି ଟଙ୍କା ଲକ୍ଷ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୨୬୩. ୫୯ କୋଟି ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ସିସି କ୍ୟାମେରା ଏବଂ ଟେଲିଫୋନ ସଂଯୋଗ, ପୋଲିସ ଟୋଲ ଫ୍ରି ନମ୍ବର ଏବଂ ସୁରକ୍ଷା ସମ୍ବନ୍ଧିତ ଗାଇଡ୍ ଲାଇନ କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତୁରନ୍ତ ଲକ୍ଷ ଧାର୍ଯ୍ୟ ପୂରଣ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଏଲଡିଏମ୍ ଦେବେନ୍ଦ୍ର କୁମାର ତ୍ରିପାଠୀ, ନାବାର୍ଡ ଏମଡିଏମ୍ ଦେବେନ୍ଦ୍ର ପ୍ରଧାନ, ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ପୌର ପରିଷଦ ନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ବାର୍ଷିକ କାର୍ଯ୍ୟ ଖସଡ଼ା ସମ୍ବଳିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।



ବୈଠକରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲମତାପୁଟ,୨୧।୧୨(ଭକ୍ତ ରାମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନ୍ତର୍ଗତ ମିସିଙ୍ଗପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅମୃତାୟନାମ ସ୍କୁଲ ପ୍ରାଙ୍ଗଣରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢି ବିଦ୍ୟାଳୟ ଏବଂ ଅଞ୍ଚଳର ଗୌରବ ରଖିବା ପାଇଁ ଅତିଥି ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଭାରତ କୁମାର ପଣ୍ଡା, ସମ୍ମାନିତ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେର, ତହସିଲଦାର ଦିବାକର ବାଘ,ଗୋଷ୍ଠୀ ଶିକ୍ଷାଧିକାରୀ ସୁବ୍ରତ କୁମାର କିସ୍କୁ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ଗୀତା ରାଣୀ ମହଲା, ସରପଞ୍ଚ ଭୀମ ଶିସା ଓ ଶଶୀଭୂଷଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରିନ୍ସିପାଲ ସାଗର କୁମାର ବେହେରା ଆୟୋଜନ ଓ ପରିଚାଳନା କରିଥିଲେ।

## ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଶୋଭାଯାତ୍ରା



କ୍ରିସ୍‌ମସ୍ ଅବସରରେ ଆୟୋଜିତ ଶୋଭାଯାତ୍ରା।

ସୁନାବେଡା,୨୧।୧୨(କୃତ୍ତିବାସ ପ୍ରଧାନ)

ଖ୍ରୀଷ୍ଟୀୟ ସମାଜ ଓ ପାଳକୀୟ ସମ୍ମିଳନୀ ଆନୁକୂଲ୍ୟରେ କ୍ରିସ୍‌ମସ୍ ଅବସରରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଳକୀୟ ସମ୍ମିଳନୀର ସଭାପତି ରେଭ ଦାନିଏଲ ଖରା ଓ ସମ୍ପାଦକ ରେଭ୍ ସୁନିଲ କ୍ଷତ୍ରିୟଙ୍କ ନେତୃତ୍ୱରେ ସୁନାବେଡା ଫିଲାଡିଲ୍ଫିୟ ଚର୍ଚ୍ଚରୁ ଶୋଭାଯାତ୍ରା ବାହାରି ସେମିଳିଗୁଡା ଲାଇଟ୍ ହାଉସ୍ ଚର୍ଚ୍ଚରେ ଶେଷ ହୋଇଥିଲା। ଏଥିରେ ସୁନାବେଡା, ସେମିଳିଗୁଡା ଓ ଦାମନଯୋଡି ଅଞ୍ଚଳର ଶତାଧିକ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ସାମିଲ ହୋଇଥିଲେ। ସଞ୍ଜୟ କୁମାର ଡ଼ଙ୍ଗରି, ବିପୁଲ ଟାକ୍ରି, ସୁନିଲ ଖିଲ, ଅଜିତ ଟାକ୍ରି ନିରଞ୍ଜନ ବାଘ,ରମେଶ କୁଳଦୀପ, ରଜତ ବାଘ, ଜଗତ ହିଆଲ୍, ଅମିତ ଚେଟି,ଖଗପତି ଗଣ୍ଡ ଓ ଆର୍. କେ. ଛିନଛାଣି ସହଯୋଗ କରିଥିଲେ। ମଜେସ ରାଜକୁମାର,ସଲମନ କୁଳଦୀପ ସଙ୍ଗୀତ ପରିବେଷଣ କରିଥିଲେ।

## ମଦଭାଟି ବନ୍ଦ କରିବାକୁ ସରପଞ୍ଚ ସଂଘର ଦାବି

କୋରାପୁଟ/ଲକ୍ଷ୍ମୀପୁର,୨୧।୧୨
(ଅମିତାଭ ବେହେରା/ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅଧୀନ ବିଭିନ୍ନ ଅଞ୍ଚଳରେ ବିହାରୀ ମଦଭାଟି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନେଇ ସରପଞ୍ଚ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ ଦିଆଯାଇଛି। ଲକ୍ଷ୍ମୀପୁର ବ୍ଲକ୍ ଭିତରଗଡ଼ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ଗୁଡ଼ା ଆଦର୍ଶ ବିଦ୍ୟାଳୟ ନିକଟରୁ ମଦଭାଟି ବନ୍ଦକରିବା ନେଇ ବ୍ଲକ୍‌ର ୧୩ ପଞ୍ଚାୟତର ସରପଞ୍ଚ ଜିଲାପାଳଙ୍କୁ ଦାବି ଜଣାଇଛନ୍ତି। ବିଦ୍ୟାଳୟ ନିକଟରେ ଦେଶୀ ବିହାରୀ ଭାଟି ଥିବାରୁ ଲୋକେ ମଦ ପିଇବା ସହ ଖରାପ ବ୍ୟବହାର କରୁଛନ୍ତି। ଛାତ୍ରୀଛାତ୍ର ସୁରକ୍ଷିତ ମଣୁ ନ ଥିବା ସଂଘ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଦେଶୀ ମଦ ବିକ୍ରି କରାଯାଉଛି। ଅଞ୍ଚଳରେ ଖୋଲାଯାଇଥିବା ବିହାରୀ ମଦଭାଟି ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ପଥଭ୍ରଷ୍ଟ ହେବା ସହ ପରିବାରରେ ଗଣ୍ଡଗୋଳ ଆଦି ବିଭିନ୍ନ ସମସ୍ୟା ଉପୁଜୁଛି। ଲୋକେ ମଦ୍ୟପାନକରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଲକ୍ଷ୍ମୀପୁର ବ୍ଲକ୍ ଅଧୀନ ଗୌଡ଼ଗୁଡ଼ା ଆଦର୍ଶ ବିଦ୍ୟାଳୟ ନିକଟ ମଦଭାଟି, ଚାରଡ଼ା,ଭିତର ଗଡ଼, ବୁର୍ଜା ଓ ଓଡ଼ିଆ ପେଣ୍ଠ ଆଦି ସମସ୍ତ ମଦଭାଟି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ବିଦ୍ୟାଳୟ ନିକଟରେ ରହିଥିବା ଦେଶୀ ମଦଭାଟି ବନ୍ଦ କରିବା ସହ ଲକ୍ଷ୍ମୀପୁର ବ୍ଲକ୍‌ରେ ଖୁଲମଖୁଲା ଦେଶୀ ମଦ ବ୍ୟବସାୟୀଙ୍କୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସରପଞ୍ଚ ସଂଘ ଦାବି କରିଛି। ଦେଶୀ ମଦଭାଟି ବନ୍ଦ ନ ହେଲେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସରପଞ୍ଚ ସଂଘ କହିଛି। ଏ ନେଇ ଅବକାରୀ ଅଧିକାରୀଙ୍କ ସହ ଆଲୋଚନାକରି ସମସ୍ୟାର ସମାଧାନ କରିବେ ବୋଲି ଜିଲାପାଳ ଭାସନ କହିଛନ୍ତି। ଏ ସମୟରେ ପୂର୍ବତନ ସରପଞ୍ଚ ଶ୍ରୀଧର ଜାନି, ପଞ୍ଚଡା ସରପଞ୍ଚ ପ୍ରିୟଙ୍କା ଜାନି, କାକିରିଗୁମା ସରପଞ୍ଚ ପୃଷ୍ଟ ସାଉଁତା, ଚିନ୍ତ ମାଣ୍ଡିଙ୍ଗାଙ୍କ ସହ ଅନ୍ୟ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**



ଦାବିପତ୍ର ଦେବାକୁ ଆସିଥିବା ସରପଞ୍ଚ ସଂଘ ସଦସ୍ୟ ।

## ୩ ଘଣ୍ଟା ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

ବୋରିଗୁମ୍ମା, ୨୧।୧୨(ବିଜୟ ସାହୁ)



ଚାଷୀ ଜାତୀୟ ରାଜପଥରେ ଧାରଣା ବସିଛନ୍ତି।

■ କଟ୍‌ନି ଛଟ୍‌ନିକୁ ବିରୋଧ
■ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମରା ମଣ୍ଡିରେ ଟୋକେନ ଓ କଟନୀଛଟନୀକୁ ବିରୋଧ କରି ଶତାଧିକ ଚାଷୀ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଡିସେମ୍ବର ୧୧ରେ ଜିଲାର କାମରାରେ ଖରିଫ ଧାନମଣ୍ଡି ଶୁଭାରମ୍ଭ ହୋଇଥିଲା। ଏହାର ୧୦ ଦିନ ପରେ ମଧ୍ୟ କୌଣସି ମଣ୍ଡିରୁ ପ୍ରଶାସନ ଧାନ କିଣି ନାହାଁନ୍ତି। ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ମଙ୍ଗଳବାର ବୋରିଗୁମ୍ମା ବ୍ଲକ ଧାନମଣ୍ଡି ଗସ୍ତ କରି ଧାନ କ୍ରୟରେ କୌଣସି ସମସ୍ୟା ନ ଉପୁଜିବା ନେଇ ପ୍ରତିଶ୍ରୁତି ଦେବା ସହ କଟନୀଛଟନିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଥିଲେ। ଅବ୍ୟବସ୍ଥା ସୃଷ୍ଟି ହେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଗିରଫ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ମଣ୍ଡିରୁ ଧାନ ଉଠୁନଥିବା ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଟୋକେନର ଅବଧି ସରି ଆସୁଥିବା ବେଳେ ମିଲର୍ସଙ୍କ ବସ୍ତାରେ ୩ କିଲୋ ପର୍ଯ୍ୟନ୍ତ କଟନୀଛଟନୀକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ପ୍ରଶାସନର ଆନ୍ତରିକତାର ଅଭାବରୁ ଧାନ କ୍ରୟ ହୋଇପାରୁ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ମଣ୍ଡି ସୁପରିଚାଳନା ଏବଂ ଚାଷୀଙ୍କ ଧାନ କ୍ରୟକୁ ନେଇ ପ୍ରଶାସନ ଓ ସରକାରଙ୍କ ପଦକ୍ଷେପ ନେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ତୁରନ୍ତ ସମାଧାନ କରାଯାଇ ଚାଷୀଙ୍କ ଧାନ କ୍ରୟ ଦିଗରେ ଦ୍ରୁତ ପଦକ୍ଷେପ ନେବାକୁ ଚାଷୀମାନେ ଉତ୍ୟକ୍ତ ହୋଇ ଟୋକେନ ସମସ୍ୟା ଓ କଟନୀଛଟନୀକୁ ବିରୋଧ କରିଥିଲେ। ୨୬ ନଂ ଜାତୀୟ ରାଜପଥରେ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଗାଡି ଅଟକି ରହିଥିଲା। ଉକ୍ତ ଅଞ୍ଚଳରେ ଏଫଏକ୍ୟୁ ଧାନ ମିଳିବ ନାହିଁ ତେଣୁ କଟନୀଛଟନିକୁ ବନ୍ଦ କରି ପୂର୍ବରୁ ଯେମିତି ଧାନ କିଣା ଯାଉଥିଲା ସେମିତି ଧାନ କିଣାଯାଉ ବୋଲି ଚାଷୀ ଦାବି କରିଛନ୍ତି। ଘଟଣାସ୍ଥଳରେ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ବୋରିଗୁମ୍ମା ତହସିଲଦାର ଅମୃତ ଲାଲ ବେହେରା, ଉପଖଣ୍ଡ ଏସ୍‌ପି ତପସ୍ୱିନୀ କୁଁଅର, ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସା ଏବଂ ଲ୍ୟାମ୍ପ ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ। ଦୁଇଦିନ ମଧ୍ୟରେ ମଣ୍ଡିରୁ ଧାନ ଉଠିବା ପ୍ରତିଶ୍ରୁତି ଦେବା ପରେ ଚାଷୀ ଧାରଣାରୁ ଉଠିଥିଲେ।

# ୪୭ ପ୍ଲଟ୍ ମାଲିକାନାକୁ ନେଇ ଅଟକିଛି ବାଇପାସ୍ ରାସ୍ତା କାମ

ନବରଙ୍ଗପୁର,୨୧।୧୨
(ସଦାଶିବ ପ୍ରହରାଜ)

ବହୁ ପ୍ରତୀକ୍ଷିତ ନବରଙ୍ଗପୁର ବାଇପାସ୍ ରାସ୍ତା ପାଇଁ ସରୁନି ଜମି ଅଧିଗ୍ରହଣ। ୪୭ ପ୍ଲଟ୍‌ର ମାଲିକାନା ବାବଦ ତଥ୍ୟ ମିଳି ନ ଥିବାରୁ କାମ ଆଗକୁ ବଢ଼ିପାରୁନାହିଁ। ବର୍ଷ ପରେ ବର୍ଷ ଗଡୁଥିବାରୁ କାମ ଆରମ୍ଭକୁ ନେଇ ସନ୍ଦେହ ଉପୁଜିଛି। ଏଣେ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ଏହାକୁ ନେଇ ନବରଙ୍ଗପୁରବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେଣୁ ବାଇପାସ୍ ପାଇଁ ଜମି ଅଧିଗ୍ରହଣ କେବେ ସରିବ , ପ୍ରକଳ୍ପ କାମ କେବେ ଆରମ୍ଭ ହେବ ତାହାକୁ ନେଇ ପ୍ରଶ୍ନ ଉଠୁଛି।

୨୬ ନମ୍ବର ଜାତୀୟ ରାଜପଥ ନବରଙ୍ଗପୁର ସହର ମଧ୍ୟ ଦେଇ ୫ କି.ମି. ଯାଇଛି। ବର୍ତ୍ତମାନ ନବରଙ୍ଗପୁର ସହର ଓ ଦୋକାନ ବଜାର ବଢୁଥିବାରୁ ରାସ୍ତା ସଙ୍କୁଚିତ ହେବା ସହ ଅଣଓସାରିଆ ସ୍ଥାନଗୁଡ଼ିକରେ ଟ୍ରାଫିକ୍ ସମସ୍ୟା ଲାଗି ରହୁଛି। ଏହାକୁ ଦୃଷ୍ଟିରେ ରଖି ୨୦୧୩-୧୪ ଆର୍ଥିକ ବର୍ଷରେ ନବରଙ୍ଗପୁରର ବାଇପାସ୍ ନିର୍ମାଣ ପାଇଁ ନୋଟିଫିକେସନ ହୋଇଥିଲା। ସର୍ଭେ ପରେ ୨୦୧୬ ମସିହାରେ ନବରଙ୍ଗପୁର ସହର ନିକଟ ଜାତୀୟ ରାଜପଥ ୨୬ ତଥା ବିଜୁ ଏକ୍ସପ୍ରେସ୍ ୱେ ଉପରେ ଥିବା ପାତ୍ରମୁଣ୍ଡା ଛକରୁ ଡାଇଭଙ୍ଗା ଛକ ପର୍ଯ୍ୟନ୍ତ ୯ କି.ମି. ରାସ୍ତା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ଜମି ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇ ନୋଟିଫିକେସନ ଦିଆଯାଇଥିଲା। ସମୁଦାୟ ୯.୧୨୪ କି.ମି. ରାସ୍ତା ପାଇଁ ମୋଟ ୫୨.୯୫୫ ହେକ୍ଟର ଜମି ଅଧିଗ୍ରହଣ କରାଯିବର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି । ସେଥିରେ ୧୮୦ ଜଣ ପ୍ଲଟ୍ ମାଲିକାନାରେ ଥିବା ୪୧.୩୦୬ ହେକ୍ଟର ବ୍ୟକ୍ତିଗତ ଜମି, ୧.୯୮୨ ହେକ୍ଟର ଜଙ୍ଗଲ ଜମି ଓ ୯.୬୬୭ ହେକ୍ଟର ସରକାରୀ ଜମି ରହିଛି । ବ୍ୟକ୍ତିଗତ ଜମି ଅଧିଗ୍ରହଣ ପାଇଁ ବିଭାଗ ପକ୍ଷରୁ ୭୨ କୋଟି ୮୦ ଲକ୍ଷ ମଞ୍ଜୁର ହୋଇଥିଲା। ତେବେ ୧୩୩ ଜଣ ପ୍ଲଟ୍ ମାଲିକଙ୍କୁ ୫୨ କୋଟି ଦିଆସରିଥିବା ବେଳେ ୪୭ ପ୍ଲଟ୍ ମାଲିକଙ୍କ ରିପୋର୍ଟ ଆସିବା ପରେ ଟଙ୍କା ଦେଇ ବିଧିବଦ୍ଧ ଭାବେ ଜମି ଅଧିଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ୯୧୪୨ କି.ମି. ବାଇପାସ୍ ରାସ୍ତା ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ପ୍ରାୟ ୧୬୮.୯୫ କୋଟି ଟଙ୍କା ମଞ୍ଜୁର ହୋଇସାରିଛି। ରାସ୍ତା ପାଇଁ ଜମି ହରାଇଥିବା ମାଲିକଙ୍କୁ କ୍ଷତିପୂରଣ ଟଙ୍କା ମିଳିବାରେ ବିଳମ୍ବ ଘଟୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହୁଛି। ଏଥିସହ ଟଙ୍କା ନ ମିଳିବା ପର୍ଯ୍ୟନ୍ତ ରାସ୍ତା କାମ ଆରମ୍ଭ ନ କରିବାକୁ ସେମାନେ କହିଛନ୍ତି। ବାଇପାସ୍ କାମ ଅଟକିବା ମୂଳ କାରଣ ହେଉଛି ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣରେ ସମସ୍ୟା। ଅଧିଗ୍ରହଣ ଲାଗି ସର୍ଭେ ବେଳେ ଅଧିକାଂଶ ପ୍ଲଟ୍ ମୂଳ ଜମି ମାଲିକଙ୍କ ନାଁରେ ଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ପାଖରୁ କେତେଜଣ ବ୍ୟକ୍ତି ଜମି କିଣିଥିଲେ କିମ୍ବା ଏଗ୍ରିମେଣ୍ଟ କରି ମୂଳ ମାଲିକଙ୍କୁ ଟଙ୍କା ପ୍ରଦାନ କରିଥିଲେ । କିନ୍ତୁ ଜମି କିଣିଥିବା ମାଲିକଙ୍କୁ ପଟ୍ଟା ମିଳିଯାଇଥିଲେ ମଧ୍ୟ ଜମି ଅଧିଗ୍ରହଣ ଦସ୍ତାବିଜ ଗୁଡ଼ିକରେ ପୁରୁଣା ମାଲିକଙ୍କ ନାମ ରହିଛି, ଯାହା ଜିଲା ପ୍ରଶାସନ ଓ ତହସିଲ ବିଭାଗର ମୁଣ୍ଡବଥା ସାଜିଛି। ଉଦାହରଣ ଭାବେ ନବରଙ୍ଗପୁର ସହରର ଦିନ୍ଦୟାଲ ଜୈନ ଓ ଆଦିତ୍ୟ ସାହୁଙ୍କୁ ନେଇପାରିବା। ଏମାନେ ନନ୍ଦାହାଣ୍ଡି ତହସିଲ ଅଧୀନ ପଡ଼ାଲଗୁଡ଼ା ମୌଜାର ୬୨୨ ଓ ୬୯୦ ପ୍ଲଟ୍‌ରେ ଜମି କିଣିଥିଲେ। ଉକ୍ତ ଜମିର ଅଧିଗ୍ରହଣ ପାଇଁ ପ୍ରଶାସନ କରିଥିବା ନୋଟିଫିକେସନରେ ମୂଳ ମାଲିକଙ୍କ ନାମରେ ରହିଛି। ତେଣୁ, ସେମାନେ ବର୍ତ୍ତମାନ ସୁଦ୍ଧା ଟଙ୍କା ପାଇନାହାନ୍ତି। ତାଙ୍କ ଭଳି ୪୭ ଜଣ ମଧ୍ୟ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ ଟଙ୍କା ପାଇନାହାନ୍ତି। ଟଙ୍କା ଦେଲା ପରେ ହିଁ ବାଇପାସ୍ କାମ ଆରମ୍ଭ କରାଯାଉ, ନ ହେଲେ ଏହି କାମକୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପଟେ ବଳକା ଥିବା ୪୭ ପ୍ଲଟ୍‌ର ମାଲିକାନାକୁ ନେଇ ତହସିଲଦାରଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି । ତହସିଲଦାରଙ୍କ ରିପୋର୍ଟ ପହଞ୍ଚିବା ପରେ ବଳକା ପ୍ଲଟ୍‌ର ମାଲିକଙ୍କୁ ଟଙ୍କା ଦେଇ ଜମି ଅଧିଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କୁମାର ମିଶ୍ର କହିଛନ୍ତି। ବାଇପାସ୍ ରାସ୍ତା ପାଇଁ ୯୦ ପ୍ରତିଶତ ଜମି ଅଧିଗ୍ରହଣ ସରିଛି। ଅତିଶୀଘ୍ର ବଳକା ଜମି ଅଧିଗ୍ରହଣ ପାଇଁ ଚୂଡ଼ାନ୍ତ ହୋଇଯିବ। ତେଣୁ ରାସ୍ତା କାମ ଆରମ୍ଭ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

# ହୃଦ୍‌ରୋଗ ଚିହ୍ନଟୀକରଣ ଶିବିର



ଶିବିରରେ ସ୍ୱାସ୍ଥ୍ୟ ପରିକ୍ଷା କରାଯାଉଛି।

ନବରଙ୍ଗପୁର,୨୧।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପ୍ରଶାସନ ତଥା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜିଲା ଶାଖା ଦ୍ୱାରା ଶିଶୁ ଏବଂ କିଶୋରୀ କିଶୋରଙ୍କ ହୃଦ୍‌ରୋଗ ଚିହ୍ନଟୀକରଣ ଶିବିର ଅନୁଷ୍ଠିତ ହୋଇଛି। ହୃଦ୍‌ରୋଗ ନିମନ୍ତେ ସର୍ଜରୀ ଆବଶ୍ୟକ ଥିବା ଶିଶୁ କିଶୋରୀ କିଶୋରମାନଙ୍କ ଚିହ୍ନଟୀକରଣ ଶିବିର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନାରାୟଣ ହୃଦ୍ୟାଳୟ, ରାୟପୁରରୁ ବିଶେଷଜ୍ଞ ଦଳ ଆସିଥିଲେ। ସିଡିଏମ୍‌ଓ ସନ୍ତୋଷ କୁମାର ପଣ୍ଡା ଶିବିର ଶୁଭାରମ୍ଭ କରିଥିଲେ। ଶିବିରରେ ସର୍ବମୋଟ ୬୯ ଜଣ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୩୯ ଜଣ ପିଲାଙ୍କୁ ଉଚ୍ଚତର ଚିକିତ୍ସା କେନ୍ଦ୍ରକୁ ପ୍ରେରଣ କରିବା ପାଇଁ ଚିହ୍ନଟ କରାଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନସ୍ଥ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳଗୁଡ଼ିକ ଦ୍ୱାରା ଏହିଶିଶୁମାନଙ୍କୁ ଚିହ୍ନଟ କରାଯାଇ ଶିବିର କ୍ଷେତ୍ରକୁ ଅଣାଯାଇଥିଲା। ଆର୍‌ବିଏସ୍‌କେ ଶିବିରକୁ ପରିଚାଳକ ଫୋରୋଜ ବାଘ ସଂଯୋଜନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ମନ୍ତ୍ରୀ ପ୍ରତିନିଧି ରମେଶ ସାହୁ ଶିବିର ପରିଦର୍ଶନ କରିଥିଲେ। ଶିବର ଶେଷରେ ଡିପିଏଚ୍‌ଓ ଡା ନବକିଶୋର ବେହେରା, ପରିବାର କଲ୍ୟାଣ ବିଭାଗ ଡିପିଏଚଓ ଡା ମଳୟ କୁମାର ତ୍ରିପାଠୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ ଉପସ୍ଥିତ ଥିଲେ।

# ୪୦ ମଣ୍ଡିରେ ଲାଗିଛି ସିସି କ୍ୟାମେରା

ଜୟପୁର,୨୧।୧୨(ପବନ ପାଣିଗ୍ରାହୀ)

**ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍**

ଚଳିତବର୍ଷ ଧାନକିଣା ପୂର୍ବରୁ ସମସ୍ତ ସରକାରୀ କ୍ରୟ କେନ୍ଦ୍ର ବା ମଣ୍ଡିରେ ସିସିଟିଭି କ୍ୟାମେରା ଲଗାଇବା ଉପରେ ସରକାର ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ଧାନକିଣାରେ ଅସାଧୁ ବ୍ୟବସାୟୀଙ୍କ ସମ୍ପୃକ୍ତିକୁ ରୋକିବା ସହ ଧାନକିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାରେ ମଣ୍ଡି ଗୁଡ଼ିକରେ ସିସିଟିଭି ଲାଗିବା ନିହାତି ଆବଶ୍ୟକତା ରହିଛି। ଜୟପୁର ଉପଖଣ୍ଡ ଅନ୍ତର୍ଗତ ୫ ଟି ବ୍ଲକରେ ମୋଟ ୭୪ ଟି ଧାନ କ୍ରୟ କେନ୍ଦ୍ର ଖୋଲାଯାଇଥିବା ବେଳେ ଏଥିରେ ୮୩ଟି ମଣ୍ଡି ରହିଛି। ଏଥିମଧ୍ୟରୁ ୪୦ଟି ମଣ୍ଡିରେ ସିସିଟିଭି କ୍ୟାମେରା ଲଗାଯାଇଛି। ପ୍ରତ୍ୟେକ ମଣ୍ଡିରେ ୩ ଟି ଲେଖାଏଁ ସିସିଟିଭି କ୍ୟାମେରା ଲାଗିଛି। ବାହାର ରାଜ୍ୟ ଓ ଜିଲାରୁ ଅସାଧୁ ବ୍ୟବସାୟୀମାନେ ଚୋରି ଧାନ ଯେପରି ଏଠାକୁ ନ ଆଣନ୍ତି ସେଥିପାଇଁ ଜଗି ରହିଛନ୍ତି ଜିଲା ପ୍ରଶାସନ। ସମସ୍ତ ସିସିଟିଭି କ୍ୟାମେରା କଣ୍ଟ୍ରୋଲ ରୁମ୍ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥିତ ରହିଛି। ୨୪ ଘଣ୍ଟା ଧରି ଜଗି ବସିଛନ୍ତି ସ୍ୱତନ୍ତ୍ର ଅଧିକାରୀ। ମଣ୍ଡି ସମ୍ପର୍କରେ ଜାଣିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଟୋଲ୍ ଫ୍ରି ନଂ ୦୬୮୫୪-୨୩୦୩୦୦ ଉପଲବ୍ଧ କରାଯାଇଛି। ଅସାଧୁ କାରବାରକୁ ରୋକିବା ପାଇଁ କୋରାପୁଟ ଜିଲା ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିଥିବା ସମ୍ପର୍କରେ ଜୟପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ ସୂଚନା ଦେଇଛନ୍ତି।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆମ୍ବେଡକର ମନ୍ତବ୍ୟକୁ ବିରୋଧ



କଂଗ୍ରେସ କର୍ମୀମାନେ ଅମିତ୍ ଶାହାଙ୍କୁ କୁଶପୁତ୍ତଳିକା ଦାହ କରୁଛନ୍ତି।

ନବରଙ୍ଗପୁର,୨୧।୧୨(ସଦାଶିବ ପ୍ରହରାଜ)

ଆଇନ ପ୍ରଣେତା ଭୀମରାଓ ଆମ୍ବେଡ଼କରଙ୍କ ପ୍ରତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ଜିଲା କଂଗ୍ରେସ ଏହାକୁ ନିନ୍ଦା କରିଛି। ନବରଙ୍ଗପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀଙ୍କୁ ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ କଂଗ୍ରେସ ଭବନଠାରୁ ବାହାରି ସହର ପରିକ୍ରମା କରି ଆମ୍ବେଡ଼କର ଛକ ନିକଟରେ ପହଞ୍ଚ ଥିଲା। ସେଠାରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ସ୍ଲୋଗାନ ଦିଆଯିବା ସହ କୁଶପୁତ୍ତଳିକା ଦାହ କରାଯାଇଛି। ସମ୍ବିଧାନ ପ୍ରଣେତାଙ୍କ ପ୍ରତି ଏ ଅପମାନ ସୂଚକ ମନ୍ତବ୍ୟ ଦେଇଥିବାରୁ ଅମିତ ଶାହା କ୍ଷମା ପ୍ରାର୍ଥନା କରନ୍ତୁ କହିବା ସହ ତାଙ୍କର ଇସ୍ତଫା ଦାବି କରିଛି ଜିଲା କଂଗ୍ରେସ। ଏଥିସହ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ, ଏହି ପ୍ରତିବାଦ "ରାହୁଲ ଗାନ୍ଧୀଙ୍କ ପ୍ରସଙ୍ଗ" କୁ ଏଡ଼ାଇବା ପାଇଁ ନୁହଁ, ବରଂ ସମ୍ବିଧାନ କୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ବିରୋଧ କରାଯାଉଛି ବୋଲି ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାନେତ୍ରୀ ପି. ନଗରତ୍ନମା, ଦିଲୀପ ପ୍ରଧାନୀ, ଦ୍ୱାରିକା ମହାପାତ୍ର, ବୃନ୍ଦାବନ ତ୍ରିପାଠୀ, ପରି ସାହୁ, ସନରାଜ ଗଣ୍ଡ, ଜିଲାପରିଷଦ ସଭ୍ୟ ଡା ଲିପିକା ମାଝୀଙ୍କ ସମେତ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

# ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ୪ କି.ମି. ମଧ୍ୟରେ କରିବା ଦାବି

ନବରଙ୍ଗପୁର,୨୧।୧୨
(ସଦାଶିବ ପ୍ରହରାଜ)

**ଡିଇଓମାନଙ୍କୁ ଚିଠି ଲେଖିଲା ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ପରିଷଦ**

ଅବିଭକ୍ତ କୋରାପୁଟ ଜିଲାରେ ଅବସ୍ଥାପିତ ଶିକ୍ଷା ବିଭାଗର ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଦଶମ ଶ୍ରେଣୀ ପିଲାମାନେ ମାଟ୍ରିକ୍ ପରିକ୍ଷା ଦେବେ। ସେମାନଙ୍କ ପରୀକ୍ଷା କେନ୍ଦ୍ର ନିଜ ନିଜ ବିଦ୍ୟାଳୟଠାରୁ ପ୍ରାୟ ୪ରୁ୫ କିମି ଦୂରତା ମଧ୍ୟରେ ସ୍ଥିର କରିବାକୁ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ପକ୍ଷରୁ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଏହାର ଏକ ନକଲ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଥିବା ସୂଚନା ମିଳିଛି। ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷା ବ୍ୟବସ୍ଥା, ଗମନାଗମନ ଓ ମୌଳିକ ଦୃଷ୍ଟି କୋଣରୁ ଏହି ଚାରୋଟି ଜିଲାର ଗାଁ ସମୂହ ବିଚ୍ଛିନ୍ନ ଭାବରେ ଅବସ୍ଥାପିତ। ଗ୍ରାମାଞ୍ଚଳରେ ଯେଉଁ ଗାଁ ସମୂହରେ ଶିକ୍ଷା ବିଭାଗର ଉଚ୍ଚ ବିଦ୍ୟାଳୟ ଗୁଡିକ ଅଛି, ସେଠାରେ ୯୦ ପ୍ରତିଶତ ଗରୀବ ପରିବାରର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ସାମାଜିକ ଅବସ୍ଥା ଆର୍ଥିକ ଅବସ୍ଥା ସେତେ ଭଲ ନାହିଁ । ନିଜ ବିଦ୍ୟାଳୟ ଠାରୁ ପରୀକ୍ଷା କେନ୍ଦ୍ର ଯଦି ୧୫ରୁ୨୦ କିମି ଦୂରତା ରହିଲେ ଛାତ୍ରୀଛାତ୍ରମାନେ ଫର୍ମପୂରଣ କରିଥିଲେ ସୁଦ୍ଧା ପରୀକ୍ଷା ଦେବାକୁ ଯାଇପାରୁ ନାହାନ୍ତି। ଏହାର ମୁଖ୍ୟ କାରଣ ଗମନା ଗମନର ଅସୁବିଧା ଏବଂ ଆର୍ଥିକ ସମସ୍ୟା। ଏହାକୁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରମାନ ସ୍ଥିର କରିବାକୁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ଯାହାଫଳରେ ଅବିଭକ୍ତ କୋରାପୁଟ ଜିଲାର ଗରୀବ ପରିବାରର ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରିବେ ବୋଲି ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝୀ ଜଣାଇଛନ୍ତି।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ



ବୈଠକରେ ଝରିଗାଁ ପୂର୍ବତନ ବିଧାୟକ ପ୍ରକାଶ ମାଝୀଙ୍କ ସହ ଅନ୍ୟ ବିଜେଡି ନେତାମାନେ।

ଚନ୍ଦାହାଣ୍ଡି, ୨୧।୧୨(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡାରେ ବିଜୁ ଯୁବ ଓ ଛାତ୍ର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ରାଜ୍ୟ ବିଜେଡି ଉପସଭାପତି ଦେବାଶିଷ ଖାଡ଼ଙ୍ଗା, ଯୁବନେତା ରାଜୀବ ନାୟକ, ବ୍ଲକ ଉପାଧକ୍ଷ ବାସୁଦେବ ଗୌଡ଼, ବ୍ଲକ ଯୁବ ବିଜେଡି ସଭାପତି ତ୍ରିନାଥ ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ଲିଙ୍ଗରାଜ ଚୌହାନ, ବିଜେଡି ନେତା ବଳରାମ ପଟ୍ଟନାୟକ, ହର ପୂଜାରୀ, ଦୁର୍ଲ୍ଲଭ ପୂଜାରୀ, ଟେକରମ ମାଝୀ, ଭୁଜରାଜ ସୋରୀ ପ୍ରମୁଖଙ୍କ ସହିତ ପ୍ରତ୍ୟେକ ପଞ୍ଚାୟତର ବିଜେଡି ଯୁବ ଓ ଛାତ୍ର ସଭାପତିମାନେ ଉପସ୍ଥିତ ଥିଲେ। ଡିଜିଟାଲ ମାଧ୍ୟମରେ କିଭଳି ସଭ୍ୟ ସଂଗ୍ରହ କରାଯାଇ ବ୍ଲକରୁ ଅଧିକରୁ ଅଧିକ ଯୁବକ ଓ ଛାତ୍ରମାନଙ୍କୁ ଦଳରେ ସାମିଲ କରାଯିବ ସେ ନେଇ ଖାଡ଼ଙ୍ଗା କର୍ମକର୍ତ୍ତାଙ୍କୁ ବୁଝାଇଥିଲେ।

# ଜିଲା ସ୍ୱାସ୍ଥ୍ୟ ସମିତି, ଜିଲା ସ୍ୱାସ୍ଥ୍ୟ ମିଶନ ସମୀକ୍ଷା ବୈଠକ

ନବରଙ୍ଗପୁର,୨୧।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ଅଧ୍ୟକ୍ଷତାରେ ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲା ସ୍ୱାସ୍ଥ୍ୟ ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲାପାଳ ଡ ଶୁଭଙ୍କର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରମେଶ ସାହୁ, ସିଡିଓ, ଜିଲାପରିଷଦ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ। ସିଡିଏମ୍‌ଓ ଡ ସନ୍ତୋଷ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାପାଳ ତଥା ଜିଲା ସ୍ୱାସ୍ଥ୍ୟ ମିଶନର ସହ ସଭାପତି ଡ ଶୁଭଙ୍କର ମହାପାତ୍ର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାକୁ ପରିଚାଳନା କରିଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ ପ୍ରହରାଜ ପୂର୍ବ ସମୀକ୍ଷା ବୈଠକର ବିବରଣୀ,ପଦକ୍ଷେପ ଓ ବର୍ତ୍ତମାନ ନିଆଯାଇଥିବା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଗୃହରେ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ। ଜିଲାରେ ଅନୁମୋଦିତ ୩୧୫ ଜଣ ଡାକ୍ତରଙ୍କ ସ୍ଥାନରେ ବର୍ତ୍ତମାନ ୧୫୧ ଜଣ ଡାକ୍ତର ଅଛନ୍ତି। ଅନୁମୋଦିତ ୬୪୬ ନର୍ସିଂ ଅଫିସରଙ୍କ ସ୍ଥାନରେ ୩୦୪ ଜଣ କାର୍ଯ୍ୟରତ ଅଛନ୍ତି। ସେଭଳି ୯ ବ୍ଲକ୍‌ରେ ପିପିଟି ମୋଡରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିଭିଏସ୍, ରିଡ୍, କାରମ୍, ପିପୁଲ୍ସ ଫୋରମ୍ ଦ୍ୱାରା ମାଆ ଗୃହ ପରିଚାଳନା କରାଯାଉଛି। ଡୁମୁରୀମୁଣ୍ଡା, ସାନଗୁମୁଡ଼ା, ଗୋନାରେ ପିପିଟି ମାଧ୍ୟମରେ ପିଏଚ୍‌ସି ପରିଚାଳିତ ହେଉଅଛି। ସଭାରେ ମନୋନୀତ ସମାଜସେବୀ ସଭ୍ୟ ନବରଙ୍ଗପୁର ମୁଖ୍ୟ ଡାକ୍ତରଖାନାରେ ଶୌଚାଳୟ ବ୍ୟବସ୍ଥା, ପାଚେରୀ, ବିଶେଷଜ୍ଞ ଡାକ୍ତର ଅଭାବ, ପାର୍କିଂ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ବୈଠକରେ ଏଡିପିଏଚ୍‌ଓ (ଏଫ୍‌ଡବ୍ଲ୍ୟୁ)ଡ ମଳୟ ତ୍ରିପାଠୀ, ଡିପିଏଚଓ ଡ ନବ କିଶୋର ବେହେରା, ଡିଏସ୍‌ଡବ୍ଲ୍ୟୁଓ, ଡିଇଓ, ଡିଆଇ ପିଆର୍‌ଓ, ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ବି ଡି ଓ, ଗୋଷ୍ଠି ଜନ ସ୍ୱାସ୍ଥ୍ୟ ଅଧିକାରୀ, ସିଡିପିଓ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ବର୍ଷାରେ ଶୋଚନୀୟ ମାଳିଗୁଡ଼ା ରାସ୍ତା

ସୁନାବେଡା,୨୧।୧୨(କୃତ୍ତିବାସ ପ୍ରଧାନ)

ସୁନାବେଡା ପୌର ପରିଷଦ ୨ ନଂ ୱାର୍ଡ ଅନ୍ତର୍ଗତ ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରୁ ମାଳିଗୁଡ଼ା ଯିବା ରାସ୍ତା ବର୍ଷା ଯୋଗୁ ଶୋଚନୀୟ ହୋଇ ଯାତାୟତ ପ୍ରଭାବିତ ହୋଇଛି। ରାସ୍ତା ମରାମତି ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ସୁଦ୍ଧା ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ଖାଲଖମା ସହ ସାମାନ୍ୟ ବର୍ଷାରେ କାଦୁଅ ପଚପଚ ହୋଇଥିବାରୁ ଯାଆସ କରିବାରେ ଅସୁବିଧା ହେଉଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୈନିକ ବହୁ ପାଣି ଟ୍ୟାଙ୍କର ଯିବା ଆସିବା କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ ଅଣଦେଖା ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ସ୍ୱପ୍ନ ଦେଖି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ପରାମର୍ଶ

ପାପଡ଼ାହାଣ୍ଡି,୨୧।୧୨(ସ୍ୱପ୍ନଜିତ ପଟ୍ଟନାୟକ)

**ଆଦର୍ଶ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ 'ଅନନ୍ତ' ପାଳିତ ହୋଇଯାଇଛି। ପ୍ରିନ୍ସିପାଲ ଦୁଲେଶ୍ୱର ଗେଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ସରପଞ୍ଚ ଚନ୍ଦ୍ରଶେଖର ମାଝୀ, ଅବସରପ୍ରାପ୍ତ ନବରଙ୍ଗପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼. ବିଜୟ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ଚରଣ ଦାସ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଟିକେଶ୍ୱରୀ ପଟ୍ଟନାୟକ, ବାଣୀ ଆଚାରୀ, ବ୍ଲକ ସାମ୍ବାଦିକ ସଙ୍ଘ ସଭାପତି ଏନ. ଜନାର୍ଦ୍ଦନ ରାଓ, ଶିକ୍ଷକ ଆଲୋକ ଅଗ୍ରୱାଲ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ର ଇଂରାଜୀରେ ବିଦ୍ୟା ଆରୋହଣ କରିବା ସହ ଇଂରାଜୀ ଶିକ୍ଷାରେ ଉନ୍ନତି କରିବା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଲକ୍ଷ୍ୟ ବୋଲି ବିଧାୟକ କହିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ଦିପେନ୍ଦୁ ପ୍ରଧାନ, ହରେକୃଷ୍ଣ ମିଶ୍ର, ଦେବାଶିଷ ମିଶ୍ର, ଜାନକୀ ଭତରା, ଦିବାକର ଯାନୀ, ଆଦିତ୍ୟ ପ୍ରସାଦ ଲେଙ୍କା, ସାହିଲ ହରିଜନ ଲକ୍ଷ୍ମୀକାନ୍ତ ହରିଜନଙ୍କୁ ସମ୍ମାନୀତ କରାଯାଇଥିଲା। କଳା ଶିକ୍ଷକ ମାଧବ ମଣ୍ଡଳ ମଞ୍ଚ ପରିଚାଳନା କରିଥିଲେ। ବିଧାୟକ ଆର୍ଟ ଗ୍ୟାଲେରି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟରେ ନିର୍ମିତ କଳାକୃତି ଦେଖି ବିଧାୟକ ପ୍ରଶଂସା କରିଥିଲେ। ସୁଚିସ୍ମିତା ନାୟକ, ସମୀର ନାଏକ, ହିମାଂଶୁ ଶେଖର ଭଦ୍ରା, ସପ୍ନା ସିଂ, ନନ୍ଦକିଶୋର ଶବର, ତ୍ରିଲୋଚନ ମେହେର, ପ୍ରିୟବ୍ରତ ନାଗ, ଦେବବନ୍ଧୁ ଦେବଦାସ ଜେନା, କିଶୋର ଚନ୍ଦ୍ର ବିଷୋୟୀ,ଗୁରୁ ଦାସ ମେହେର,ବିନୟ ରଞ୍ଜନ ମେହେର,ସିଧୁ ଭୋଇ,ଶୁଭସ୍ମିତା ମାଟି, ସୁମନ୍ତ ମାଝୀ,ଚନ୍ଦନା ମିସ୍ତ୍ରୀ ଏବଂ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଅନାଥ ପିଲାଙ୍କୁ ଥଇଥାନ ନେଇ ରଣନୀତି

ନବରଙ୍ଗପୁର,୨୧।୧୨(ସଦାଶିବ ପ୍ରହରାଜ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶାନୁଯାୟୀ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଜିଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଚାରିଟି କମିଟି ଯଥା ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ , ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ବୈଠକରେ ଜିଲାପାଳ ଅଧ୍ୟକ୍ଷତାକରି ଜିଲାରେ ଥିବା ସମସ୍ତ ଅନାଥ ଶିଶୁ ଓ ଏକକ ମାତା ପିତାଥିବା ଶିଶୁମାନଙ୍କର ଥଇଥାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୩ ମାସ ମଧ୍ୟରେ ଜିଲାର ସମସ୍ତ ବ୍ଲକରେ ଶିଶୁ ମଙ୍ଗଳ କମିଟି, କ୍ୟାମ୍ପ କୋର୍ଟ କରାଯାଇ ସମସ୍ତ ଅନାଥ ଓ ଏକକ ମାତା କିମ୍ବା ପିତା ଥିବା ଶିଶୁମାନଙ୍କୁ ବିଧିବଦ୍ଧ ଭାବରେ ଉପସ୍ଥିତ କରାଇବା



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଓ ଜିଲାରେ ସମସ୍ତ ଅଙ୍ଗନୱାଡି ସ୍ତରରେ ଦାଦନ ଶ୍ରମିକମାନଙ୍କର ତଥ୍ୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ବୈଠକ ପ୍ରାରମ୍ଭରେ ସମସ୍ତ ବ୍ଲକ୍ ଓ ୧୯୮ ପଞ୍ଚାୟତଗୁଡ଼ିକରେ ଶିଶୁ ସୁରକ୍ଷା କମିଟି ଓ ବାଲ୍ୟବିବାହ ଟାସ୍କ ଫୋର୍ସ ଗଠନ ହୋଇଥିବା ସୂଚନା ଦେଇଥିଲେ। ଉପରୋକ୍ତ ସଂସ୍ଥାଗୁଡ଼ିକର ମିଳିତ ପ୍ରୟାସରେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇ ଗ୍ରାମ ଓ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବା ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ସୂଚନା ଦେଇଥିଲେ। ଆକ୍ସନଏଡ୍ ସଂସ୍ଥା ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ଶିଶୁମାନଙ୍କର ସୁରକ୍ଷା ଓ ବାଲ୍ୟବିବାହ ସମାପ୍ତ ଉଦ୍ଦେଶ୍ୟରେ ଜିଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପଣ୍ଡା, ଡିଇଓ ଛତ୍ରପତି ସାହୁ , ଅତିରିକ୍ତ ଆରକ୍ଷୀ ଅଧିକାରୀ ଉଲ୍ଲାସ ମାଝୀ, ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲାଇ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଜିଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶନୀ, ସମସ୍ତ ବିଡିଓ, ସିଡିପିଓ ତଥା ବାଲ୍ୟବିବାହ ଅଧିକାରୀ, ଚାଇଲ୍ଡଲାଇନ ଜିଲା କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

